## ବିଜେପିର ମିଶ୍ରଣ ପର୍ବ

# ଯୁବପିଢୀମାନେ ଏବେ ବିଜେପି ମୁହାଁ

- **ଯୁବବାହିନୀ ଛାଡି ବିଜେପିରେ ସାମିଲ ହେଲେ ଶତାଧିକ ଯୁବକ**
- **୨୫୦ ରୁ ଊର୍ଦ୍ଧ୍ୱ ଯୁବକ ବିଜେଡି ଦଳ ପ୍ରତି ଅତିଷ୍ଠ ଥିବା କଥା ଜଣାଇବା ସହ ବିଜେପିରେ ସାମିଲ ହେଲେ**
- **ଶାସକ ବିଜେଡି କାମ ନୁହେଁ କେବଳ ବଡ ବଡ କଥା କହି ଲୋକଙ୍କୁ ଭୂଆଁ ବୁଲାଇ ଚାଲିଛି**

**ଭୁବନେଶ୍ୱର, ତା.୨୫/୧୨ :** ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ ଶାହାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କେ.ଭି ସିଂହଦେଓଙ୍କ ଉପସ୍ଥିତିରେ ଜୟଦେବ ନିର୍ବାଚନ ମଣ୍ଡଳୀର ଶତାଧିକ ଯୁବକ ବିଜେପିରେ ସାମିଲ ହୋଇଛନ୍ତି ।

ଜୟଦେବ ନିର୍ବାଚନମଣ୍ଡଳୀର ବିଜୁ ଯୁବ ବାହିନୀ ସଭାପତି ସଂଜୟ ପାତ୍ର, ଭବାନୀ ପ୍ରସାଦ ଦାସ, ଶ୍ରୀକାନ୍ତ ବାରିକ, ରାଜେଷ କୁମାର ସାହୁ, ପିଙ୍କୁ ମିଶ୍ର, ଦେବୀ ପ୍ରସାଦ ସାହୁ, ସୁଧାଂଶୁ ଶେଖର ଜେନା, ଉମାକାନ୍ତ ପାତ୍ର, ସଂଜୟ ବେହେରା, ଫିରୋଜ ସାହୁଙ୍କ ସମେତ ବାଲିଅନ୍ତା ଓ ବେଣପୁର ଗ୍ରାମ ପଂଚାୟତର ଶହ ଶହ ଯୁବକ ବିଜେପିରେ ଯୋଗ ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ରାଜ୍ୟ ସଭାପତି ଶ୍ରୀ ପଣ୍ଡା  ସମସ୍ତଙ୍କୁ ଉତରୀୟ ଏବଂ ଟୋପି ପିନ୍ଧାଇ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି । ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି । ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ବିଜେପିର ବରିଷ୍ଠ ନେତ୍ରୀ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ବାଲିପାଟଣା ଓ ବାଲିଅନ୍ତା ଗସ୍ତ ସମୟରେ ବିଜୁ ଯୁବ ବାହିନୀର ସଭାପତିଙ୍କ ସମେତ ୨୫୦ ରୁ ଊର୍ଦ୍ଧ୍ୱ ଯୁବକ ବିଜେଡି ଦଳ ପ୍ରତି ଅତିଷ୍ଠ ଥିବା କଥା ଜଣାଇଥିଲେ । ଏଥି ସହ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବକ ମାନେ ବିଜେପିରେ ମିଶିବା ନେଇ ସ୍ପଷ୍ଟ କରିଥିଲେ ଏବଂ ସେମାନେ ଆଜି ଦଳରେ ସାମିଲ ହୋଇଛନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ।

ବିଜୁ ଜନତା ଦଳ ଏକ ଭ୍ରଷ୍ଟାଚାର ସରକାର । ଶାସକ ବିଜେଡି କାମ ନୁହେଁ କେବଳ ବଡ ବଡ କଥା କହି ଲୋକଙ୍କୁ ଭୂଆଁ ବୁଲାଇ ଚାଲିଛି । ଲୋକମାନଙ୍କୁ କୁମନ୍ତ୍ରଣା ଦେଇ କେବଳ ଲୋକଦେଖାଣିଆ କାମ କରୁଛନ୍ତି ବୋଲି ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ଯୁବକ ସଂଜୟ ପାତ୍ର କହିଛନ୍ତି ।

ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**